# ସାହିତ୍ୟ ଏକାଡେମୀ ଦ୍ୱାରା ମୈଥିଳୀ ଭାଷାରେ 'ଯୁବ ସାହିତ୍ୟ' ଆଭାସୀ କାର୍ଯ୍ୟକ୍ରମ



ଭୁବନେଶ୍ୱର,୧୧/୦୭(ନି.ପ୍ର): ଗତ ୯ତାରିଖରେ ସାହିତ୍ୟ ଏକାଡ଼େମୀ ୱେବଲାଇନ୍ ଶୃଙ୍ଖଳା ଅନ୍ତର୍ଗତ 'ଯୁବ ସାହିତ୍ୟ' କାର୍ଯ୍ୟକ୍ରମର ଆୟୋଜନ ଫେସ୍‌ବୁକ୍ ଓ ୟୁଟ୍ୟୁବ୍‌ରେ ମାଧ୍ୟମରେ ଲାଇଭ୍ କରାଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଆଜିର ଯୁବକମାନଙ୍କର ରଚନାକୁ ଆଖି ଆଗକୁ ଆଣିବା ଓ ତା' ଉପରେ ବିଚାର ବିମର୍ଶ କରିବା। ଏକାଡ଼େମୀ ପକ୍ଷରୁ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରସାହିତ୍ୟ ଏକାଡ଼େମୀ, ନୂଆଦିଲ୍ଲୀର ଉପସଚିବ ଏନ୍. ସୁରେଶ ବାବୁ ଉପସ୍ଥିତି ଥିଲେ ଓ ସେ ସ୍ୱାମୀ ବିବେକାନନ୍ଦଙ୍କୁ ମନେପକାଇ ଯୁବକମାନଙ୍କୁ ସେ କହିଥିବା ମାର୍ଗରେ ଚାଲିବାକୁ ପରାମର୍ଶ ଦେଇଥିଲେ ଓ ନିଜର ମାତୃଭାଷା ପ୍ରତି ସର୍ବଦା ସେବା ଭାବନା ରଖି କାର୍ଯ୍ୟ କରିବାକୁ କହିଥିଲେ। କାର୍ଯ୍ୟକ୍ରମକୁ ବିଧି-ପୂର୍ବକ ଶୁଭାରମ୍ଭ କରିବା ପରେ ମୈଥିଳୀ ପରାମର୍ଶ ମଣ୍ଡଳର ସଂଯୋଜକ ଶ୍ରୀ ଅଶୋକ କୁମାର ଝା ଅବିଚଲଜୀ ନିଜର ପରିଚୟାତ୍ମକ ବକ୍ତୃତା ରଖିଲେ ତଥା ଯୁବକମାନଙ୍କୁ ସାହିତ୍ୟ ସହିତ ଯେତେ ସମ୍ଭବ ଜଡ଼ିତ ରହିବାକୁ ଆହ୍ୱାନ କଲେ। ମୈଥିଳୀ ଭାଷା ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ରଚନାକାର ରୂପେ ଟାଟାଷ୍ଟିଲ୍ ଅନୁଗୁଳରେ ବିଦ୍ୟୁତ୍ ଅଭିଯନ୍ତା ରୂପେ କାର୍ଯ୍ୟ କରୁଥିବା ଯୁବକ ସାହିତ୍ୟିକ ପଙ୍କଜ କୁମାର ଦରଜୀର ଦର୍ଜିକ ଦୋକାନ ସଁ, ନହିଁ ଜାନି ତୋହର୍ କପାର୍ ମେଁ କି ଲିଖଲ୍ ଛୋକ୍, ଆଇଡେଣ୍ଟିଟି କ୍ରାଇସିସ୍ ଓ ଖୁରଛାହୀ କାଟେଡ୍ ମୌନ୍ ସହିତ ଚାରୋଟି ନୂଆ ଓ ପ୍ରଗତିଶୀଳ କବିତାଗୁଡ଼ିକୁ ପାଠ କରିଥିଲେ। ସେପଟେ ଅନ୍ୟ ରଚନାକାରଙ୍କ ମଧ୍ୟରେ ଯୁବ ସାହିତ୍ୟିକ ଅମିତ ମିଶ୍ର, ପ୍ରିୟରଞ୍ଜନ ଝା, ରାଜୀବ ରଞ୍ଜନ ଝା, ରୂପେଶ ତେୟଁଥ, ସୋନୁ କୁମାର ଝା ମଧ୍ୟ ତାଙ୍କର କବିତାପାଠ କରିଥିଲେ। ଏପଟେ ଅମିତ ମିଶ୍ର ନିଜର କବିତା ଗରିବୀ ରେଖା, ଅପରିମେୟ ସଂଖ୍ୟା, ଅଘୋଡ୍ଡ଼ା ଓ ରାମ ପାଠ କଲେ ଓ କବି ପ୍ରିୟ ରଞ୍ଜନ ଝା ଅନଚିହ୍ନାର ଖିସ୍‌ସା, ବେସମ୍ଭାର ଯୁଦ୍ଧ, ନବ ସୃଜନକ ସ୍ୱର ଓ ଅପନ୍ ଅଧିକାରକ ଲୈଲ ପାଠକଲେ। ରାଜୀବ ରଞ୍ଜନ ଝା ନିଜର କବିତା କଠପୁତଲୀ, ଅଦ୍ଭୁତ୍ ଔର ଦିମାଗକ ପଙ୍ଗୀ ପାଠ କରିଥିଲେ। ଯୁବ କଥାକାର ସନୁ କୁମାର ଝା ନିଜର କଥା 'ଲକବା' ପାଠ କରିଥିଲେ। ଯୁବକବି ରୂପେଶ ତ୍ୟୁଥଁଙ୍କର କବିତା 'ୟେ ଜିନ୍ଦଗୀ ଅନ୍‌ମୋଲ, ସମର୍ଥ, ହେ କାବିଲ୍- କାହବୈଁକା ଔର ଓ ପରଦେଶକ ପଟରୀ' ସହିତ କାର୍ଯ୍ୟକ୍ରମର ଅନ୍ତିମ ପ୍ରସ୍ତୁତି ହୋଇଥିଲା। ଉପ ସଂହାର ବକ୍ତବ୍ୟରେ ଡା. ଅଶୋକ (ଅବିଚଲ) ନିଜର ବକ୍ତୃତା ରଖି କହିଲେ କି ମୈଥିଳୀ ଭାଷାର ଭବିଷ୍ୟତ ଆଜି ଯେଉଁ ଯୁବକଙ୍କ ହାତରେ ଅଛି ତାହା ଆସ୍ୱସ୍ତି ଦେଉଛି କି ନିଶ୍ଚୟ ଏହା ବିଶ୍ୱ ସ୍ତରରେ ନିଜକୁ ପ୍ରତିପାଦିତ କରିବାରେ ସମର୍ଥ ହେବ। ଶେଷରେ କରୋନା ଉପରେ ସରକାରଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶଗୁଡ଼ିକୁ ପାଳନ କରିବା ଦିଗରେ ଆହ୍ୱାନ ଦେଇ ଡା. ଏନ୍ ସୁରେଶ୍ ବାବୁ କାର୍ଯ୍ୟକ୍ରମର ସମାପନର ଔପଚାରିକ ଘୋଷଣା କରିଥିଲେ।